# ୨୪

# ଔଦ୍ୟୋଗିକ ବିକାଶ

ପ୍ରାକୃତିକ ସମ୍ବଳର ପ୍ରକ୍ରିୟାକରଣ ଦ୍ୱାରା ଅଧିକ ଉପଯୋଗୀ ତଥା ମୂଲ୍ୟବାନ୍ ପଦାର୍ଥ ପ୍ରସ୍ତୁତିକୁ ବିନିର୍ମାଣ କୁହାଯାଏ । ବିନିର୍ମାର ଉଦ୍ୟୋଗରେ ବ୍ୟବହୃତ ହେଉଥିବା କଞ୍ଚାମାଲ ପ୍ରାକୃତିକ ରୂପେ ଯଥା କପା, ପଶମ ଓ ଲୁହାପଥର ଆଦି ସିଧାସଳକ ବ୍ୟବହାର ହୁଏ କିମ୍ବା ଅର୍ଦ୍ଧ-ପ୍ରକ୍ରିୟାକରଣ ସ୍ୱରୂପ ଯଥା ସୂତା, ପିଗ୍ ଆଇରନ୍ ଇତ୍ୟାଦି ଭାବେ ବ୍ୟବହୃତ କରାଯାଇ ଅଧିକ ଉପଯୋଗୀ ବସ୍ତୁ ପ୍ରସ୍ତୁତ କରାଯାଏ । ତେଣୁ ଗୋଟିଏ ଶିଳ୍ପର ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ଭାବେ ବ୍ୟବହୃତ ହୁଏ । ଶିଳ୍ପ ବିକାଶ ବିନା କୌଣସି ଦେଶର ଅର୍ଥନୈତିକ ବିକାଶ ସମ୍ଭବ ନୁହେଁ । ଯେ କୌଣସି ଦେଶର ଔଦ୍ୟୋଗିକ ବିକାଶର ସ୍ତର ସହ ସେ ଦେଶର ଆର୍ଥିକ ଅଭିବୃଦ୍ଧିର ସିଧାସଳଖ ସମ୍ପର୍କ ରହିଛି । ଆମେରିକା, ଜାପାନ, ଋଷ୍ ଆଦି ଦେଶ କେବଳ ଔଦ୍ୟୋଗିକ ବିକାଶ ହେତୁ ବିକଶତ ଦେଶରେ ପରିଣତ ହୋଇପାରିଛନ୍ତି । ଶିଳ୍ପ ବିକାଶ କରିପାରିନଥିବା ଦେଶଗୁଡ଼ିକ ପ୍ରାକୃତିକ ସମ୍ବଳ ରପ୍ତାନୀ କରି ଚଢ଼ାଦରରେ ଶିଳ୍ପ ସାମଗ୍ରୀ ଆମଦାନୀ କରନ୍ତି । ତେଣୁ ଆର୍ଥିକ ଦୃଷ୍ଟିକୋଣରୁ ସେ ଦେଶଗୁଡ଼ିକ ପଛୁଆ ।

ଆମ ଦେଶର GDP (Gross Domestic Product) ରେ ବିନିର୍ମାଣ ଉଦ୍ୟୋଗର 30% ଯୋଗଦାନ ରହିଛି । ଶିଳ୍ପୋଦ୍ୟୋଗରେ ଦେଶର ପ୍ରାୟ 28% ନିୟତ ଲୋକ କର୍ମନିଯୁକ୍ତି ପାଇଛନ୍ତି । ତେଣୁ ଦେଶର ଜାତୀୟ ଆୟ ସହ କର୍ମ ନିଯୁକ୍ତି କ୍ଷେତ୍ରରେ ଶିଳ୍ପୋଦ୍ୟୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେମାନେ :

- ଆମଦେଶରେ ବିନିର୍ମାଣ ଉଦ୍ୟୋଗର ଐତିହାସିକ ବିକାଶ ସମ୍ବନ୍ଧରେ ଜାଣିପାରିବ ।
- ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ବିନିର୍ମାଣ ଉଦ୍ୟୋଗର ଭୂମିକା ବୁଝିପାରିବ ।
- ବିନିର୍ମାଣ ଉଦ୍ୟୋଗର ବର୍ଗୀକରଣ କରିପାରିବ ।
- ଔଦ୍ୟୋଗିକ ବିକାଶ ସହ କୃଷି, ଖଣିଜ ଏବଂ ଶକ୍ତିର ସମ୍ପର୍କ ସ୍ଥାପନ କରିପାରିବ ।
- ଉଦ୍ୟୋଗର ସ୍ଥାନୀୟକରଣକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ପରୀକ୍ଷା ନୀରିକ୍ଷା କରିପାରିବ ।



ଟିପ୍ପଣୀ


- ପ୍ରମୁଖ କୃଷି ଆଧାରିତ ଉଦ୍ୟୋଗ ତଥା ଖଣିଜ ଆଧାରିତ ଉଦ୍ୟୋଗର ସ୍ଥାନିକ ବିତରଣ ବିଷୟରେ ବର୍ଣ୍ଣନା କରିପାରିବ ।
- ଭାରତ ମାନଚିତ୍ରରେ ପ୍ରମୁଖ ଉଦ୍ୟୋଗର ଅବସ୍ଥିତ ଦର୍ଶାଇବା ସହ ସେଗୁଡ଼ିକୁ ଚିହ୍ନିପାରିବ ।
- ଦେଶର ଶିଳ୍ପ ବିକାଶ ପାଇଁ ପ୍ରଣୀତ ବିଭିନ୍ନ ନୀତିଗୁଡ଼ିକୁ ବୁଝାଇ ପାରିବ ।
- ଔଦ୍ୟୋଗିକ ବିକାଶ ସହ ଆଞ୍ଚଳିକ ବିକାଶ ସହି ସମ୍ପର୍କ ସ୍ଥାପନ କରିପାରିବ ।
- ସ୍ଥାନ ବିଶେଷରେ ସ୍ଥାପିତ ଉଦ୍ୟୋଗର ବିକାଶ ଏବଂ ବୃଦ୍ଧ ଉପରେ ଆର୍ଥିକ ଉଦାରୀକରଣର ପ୍ରଭାବ ବର୍ଣ୍ଣନା କରିପାରିବ ।
- ପରିବେଶ ଉପରେ ଔଦ୍ୟୋଗିକ ବିକାଶର ପ୍ରଭାବ ବୁଝାଇ ପାରିବ ।

## 21.1 ଆଧୁନିକ ଉଦ୍ୟୋଗର ସଂକ୍ଷିପ୍ତ ଇତିହାସ

1854 ମସିହାରେ ମୁମ୍ବାଇରେ ଭାରତର ପ୍ରଥମ ସୂତାକଳ ପ୍ରତିଷ୍ଠା ହୋଇ ଆଧୁନିକ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା । ଏହି ଶିଳ୍ପ ପ୍ରତିଷ୍ଠାରେ ଭାରତୀୟ ପୁଞ୍ଜି ତଥା ଭାରତୀୟ ପ୍ରବନ୍ଧନ ମୁଖ୍ୟ ଥିଲା । କିନ୍ତୁ 1855 ମସିହାରେ ବିଦେଶୀପୁଞ୍ଜି ତଥା ପ୍ରବନ୍ଧନର କୋଲକାତାର ହୁଗୁଳି ଠାରେ ପ୍ରଥମ ଝୋଟକଳ ପ୍ରତିଷ୍ଠା ହୋଇଥିଲା । 1772 ମସିହାରେ ରାଣିଗଞ୍ଜଠାରେ ପ୍ରଥମ କୋଇଲା ଖନନ ଆରମ୍ଭ ହୋଇଥିଲା । 1854 ମସିହା ରେଳସେବାର ଅୟମାରମ୍ଭ ହେଲା । ଜାମସେଦପୁରଠାରେ 1907 ମସିହାରେ ପ୍ରଥମ ଲୌହ ଇସ୍ପାତ ଶିଳ୍ପ (Tata Irone Steel Company ) ପ୍ରତିଷ୍ଠା ହେଲା । ପରେ ପରେ ସିମେଣ୍ଟ ଗ୍ଲାସ, ସାବୁନ୍, ରସାୟନ, ଝୋଟ, ଚିନ ଓ କାଗଜ ଶିଳ୍ପପରି ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହେଲା । ପ୍ରାକ୍ ସ୍ୱାଧୀନତା କାଳରେ ଶିଳ୍ପ ଉତ୍ପାଦନ ପର୍ଯ୍ୟାପ୍ତ ନଥିଲା ବା ସେଥିରେ ବିଭିନ୍ନତା ନଥିଲା ।

ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ଅର୍ଥ ବ୍ୟବସ୍ଥା ଅବିକଶିତ ଥିଲା ଏବଂ ଦେଶର GDP ରେ କୃଷିର ଅବଦାନ ଥିଲା 60% ରୁ ଅଧିକ ତଥା ଦେଶର ଆୟ ମଧ୍ୟ କୃଷି ରପ୍ତାନୀରୁ ହେଉଥିଲା । ସ୍ୱାଧୀନତା ପ୍ରାପ୍ତିର 60 ବର୍ଷ ପରେ ଭାରତ ଏକ ଅଗ୍ରଣୀ ଆର୍ଥିକ ଶକ୍ତିରେ ପରିଣତ ହେବାର ସଂକେତ ବହନ କରିଛି । ଭାରତରେ ଔଦ୍ୟୋଗିକ ବିକାଶକୁ ଦୁଇ ପର୍ଯ୍ୟାୟଭୂକ୍ତ କରାଯାଇପାରେ । ପ୍ରଥମ ପର୍ଯ୍ୟାୟରେ (1947-80) ସରକାର କ୍ରମାନ୍ୱୟଭାବେ ବିକିନ୍ନ ଆର୍ଥିକ କ୍ଷେତ୍ରଉପରେ ନିୟନ୍ତ୍ରଣ ଲାଗୁ କଲେ । ଦ୍ୱିତୀୟ ପର୍ଯ୍ୟାୟରେ (1980-97) ବିଭିନ୍ନ ଉପାୟ ଅବଲମ୍ବନ ଦ୍ୱାରା (1980-92) ମଧ୍ୟରେ ଅର୍ଥ ବ୍ୟବସ୍ଥାରେ ଉଦାରୀକରଣ କରାଯାଇଥିଲା । ଏହି ଉପାୟଗୁଡ଼ିକ ଅସ୍ଥାୟୀ ଥିଲା । 1992 ପରେ ଉଦାରୀକରଣ ପ୍ରକ୍ରିୟା ଉପରେ ପ୍ରାଧାନ୍ୟ ଦିଆଗଲା ତଥା ଏଥିରେ ମୌଳିକ ଭିନ୍ନତା ଅଣାଯାଇଥିଲା ।

ସ୍ୱାଧିନତା ପରେ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ବ୍ୟବସ୍ଥିତ ଶିଳ୍ପଯୋଜନା ଦ୍ୱାରା ଦେଶରେ ଭାରୀ ତଥା ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରାଯାଇ ଶିଳ୍ପ ବିକାଶ କରାଯାଇଛି । ଦେଶରେ ବ୍ୟାପ୍ତ ଆଞ୍ଚଳିକ ବୈଷମ୍ୟ ଥା ଅସନ୍ତୁଳନ ଦୂରୀଭୂତ କରି ବିବିଧତା ସୃଷ୍ଟି କରିବା ଥିଲା ଶିଳ୍ପନୀତିର ବୈଶିଷ୍ଟ୍ୟ । ଔଦ୍ୟୋଗିକ ବିକାଶରେ ଆତ୍ମନିର୍ଭରତା ପ୍ରାପ୍ତି ପାଇଁ ଲୋକମାନଙ୍କର କ୍ଷମତା ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରାଗଲା । ଏହିସବୁ ପ୍ରଚେଷ୍ଟାର ଫଳସ୍ୱରୂପ ଭାରତ ଆଜି ବିନିର୍ମାଣ କ୍ଷେତ୍ରରେ ବିକାଶ ଲାଭ କରିପାରିଛି । ଯାହାଫଳରେ ଶିଳ୍ପଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ଆମଦେଶ ପ୍ରଚୁର ବୈଦଶିକ ମୁଦ୍ରା ଅର୍ଜନ କରିପାରୁଛି ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ ୨୪.୧

1. କେବେ ଓ କେଉଁଠାରେ ପ୍ରଥମେ କୋଇଲା ଖନନ ଆରମ୍ଭ ହୋଇଥିଲା ?

______________________________

2. ଭାରତରେ କେବେ ରେଳ ଚଳାଚଳ ଆରମ୍ଭ ହେଲା ?

______________________________

3. ଟାଟା ଲୌହ ଇସ୍ପାତ କାରଖାନା କେଉଁଠାରେ ସ୍ଥାପିତ ହୋଇଥିଲା ?

______________________________

## 24.2 ଶିଳ୍ପର ବିଭାଗୀକରଣ :

ବିଭିନ୍ନ ଲକ୍ଷଣ ଉପରେ ଆଧାର କରି ଶିଳ୍ପକୁ ଅନେକ ବିଭାଗରେ ବର୍ଗୀକୃତ କରାଗଲେ ମଧ୍ୟ ନିମ୍ନ ସାରଣୀରେ 5 ଟି ପ୍ରମୁଖ ଆଧାର ଉପରେ ବର୍ଗୀକୃତ କରାଯାଇଛି ।

**ସାରଣୀ 24.1 ଶିଳ୍ପର ବିଭାଗୀକରଣ**

| କ୍ର.ନଂ | ଆଧାର | ଶିଳ୍ପର ପ୍ରକାର | ପ୍ରମୁଖ ବିଶେଷଣ | ଉଦାହରଣ |
|---|---|---|---|---|
| 1. | କଞ୍ଚାମାଲ ଉତ୍ସ | (i) କୃଷିଭିତ୍ତିକ ଶାଳ | କୃଷି ଉତ୍ପାଦ କଞ୍ଚାମାଲ ରୂପେ ବ୍ୟବହୃତ | କାର୍ପାସ ଶିଳ୍ପ,ଝୋଟଶିଳ୍ପ, ଚିନି ଓ କାଗଜ ଶିଳ୍ପ, |
| | | (ii) ଖଣିଜ ଭିତ୍ତିକ ଶିଳ୍ପ | ଖଣିଜ ପଦାର୍ଥ କଞ୍ଚାମାଲ ରୂପେ ବ୍ୟବହୃତ | ଲୌହ ଇସ୍ପାତ ସିମେଣ୍ଟ ଓ ରସାୟନ ଶିଳ୍ପ |
| 2. | ସ୍ୱତ୍ତାଧିକାର | (i) ରାଷ୍ଟ୍ରାୟତ୍ତ ଶିଳ୍ପ | ସରକାରୀ ବିଭାଗ ଦ୍ୱାରା ସ୍ଥାପିତ ଓ ପରିଚାଳିତ । | ବୋକାରୋ ଲୌହ ଇସ୍ପାତ ଶିଳ୍ପ, ଚିତ୍ତରଞ୍ଜନ ରେଳ ଇଞ୍ଜିନ୍ କାରଖାନା |
| | | (ii) ବେସରକାରୀ ବା ଘରୋଇ ଶିଳ୍ପ | ବ୍ୟକ୍ତିବିଶେଷ କିମ୍ବା ଏକାଧିକ ବ୍ୟକ୍ତି, ନିଗମ ଦ୍ୱାରା ସ୍ଥାପିତ ଓ ପରିଚାଳିତ । | ଟାଟା ଲୌହ ଇସ୍ପାତ ଶିଳ୍ପ ଜେ.କେ ସିମେଣ୍ଟ କାରଖାନା ଆପୋଲୋ ଟାୟାର୍ |
| | | (iii) ମିଳିତ ବା ଯୌଥ ଶିଳ୍ପ | ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ସ୍ଥାପିତ ଓ ପରିଚାଳିତ । | ମାରୁତି ଉଦ୍ୟୋଗ |
| | | (iv) ସମବାୟ ଶିଳ୍ପ | କଞ୍ଚାମାଲ ଉତ୍ପାଦକାରୀ ସମବାୟ ସଂସ୍ଥାଦ୍ୱାରା ସ୍ଥାପିତ ଓ ପରିଚାଳିତ | Amul (ଗୁଜୁରାଟ) IFFCO (କାଣ୍ଡଲା) ମହାରାଷ୍ଟ୍ରର ଚିନିକଳ |




ଟିପ୍ପଣୀ

| | | | | |
|---|---|---|---|---|
| 3. | ଉତ୍ପାଦର ପ୍ରକାର ବା ପ୍ରକୃତି | (i) ମୌଳିକ ଶିଳ୍ପ | ଏହି ଶିଳ୍ପର ଉତ୍ପାଦ ଅନ୍ୟ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ । | ଲୌହ ଇସ୍ପାତ ଶିଳ୍ପ ପେଟ୍ରୋ-ରସାୟନ ଶିଳ୍ପ |
| | | (ii) ଖାଉଟି ଶିଳ୍ପ | ଉତ୍ପାଦ ସିଧାସଳଖ ଭାବେ ଖାଉଟିର ବ୍ୟବହାରରେ ଆସେ । | ଟୁଥ୍‌ପେଷ୍ଟ, ସାବୁନ, ଚିନି କାରଖାନା |
| 4. | ଆକାର | (i) ବୃହତ୍ ଶିଳ୍ପ | ବିପୁଳ ପୁଞ୍ଜି, ବୃହଦାକାର ଶକ୍ତିଚାଳିତ ଯନ୍ତ୍ର, ଅଧିକ ସଂଖ୍ୟାରେ ଶ୍ରମିକ, ବିଶାଳ କାରଖାନା ଚବିଶ ଘଣ୍ଟିଆ କାର୍ଯ୍ୟ | ଲୌହ ଇସ୍ପାତ ଶିଳ୍ପ ତୈଳ ବିଶୋଧନାଗାର |
| | | (ii) କ୍ଷୁଦ୍ର ଶିଳ୍ପ | ସ୍ୱଳ୍ପ ପୁଞ୍ଜି, ଛୋଟ କାରଖାନା, ଅଳ୍ପ ସଂଖ୍ୟକ ଶ୍ରମିକ | ସାଇକେଲ୍, ବୈଦ୍ୟୁତିକ ଯନ୍ତ୍ରପାତି ଶିଳ୍ପ |
| | | (iii) କୁଟୀର ଶିଳ୍ପ | ପରିବାର ଲୋକଙ୍କ ଦ୍ୱାରା ସ୍ଥାପିତ, ପରିଚାଳିତ କ୍ଷୁଦ୍ର ଯନ୍ତ୍ରପାତି | ହସ୍ତଶିଳ୍ପ, ଗହଣା ନିର୍ମାଣ, ହସ୍ତତନ୍ତ ଇତ୍ୟାଦି |
| 5. | କଞ୍ଚାମାଲ ଓ ଉତ୍ପାଦର ଓଜନ | (i) ଭାରୀ ଶିଳ୍ପ ଉତ୍ପାଦ ଓଜନିଆ, | ଉଭୟ କଞ୍ଚାମାଲ ଓ ବୈଦ୍ୟୁତିକ ଗୁରୁ ଯନ୍ତ୍ରପାତି ପରିବହନ ଖର୍ଚ୍ଚ ବହୁତ | ଲୌହ ଇସ୍ପାତ BHEL (ଜେନେରେଟର୍ ଇତ୍ୟାଦି) |
| | | (ii) ହାଲୁକା ଶିଳ୍ପ | ଉଭୟ କଞ୍ଚାମାଲ ଓ ଉତ୍ପାଦ ହାଲୁକା, ସ୍ୱଳ୍ପ ପରିବହନ ଖର୍ଚ୍ଚ । | ଘଣ୍ଟା, ରେଡ଼ିମେଡ୍ ପୋଷାକ, ଖେଳଣା, ପେନ୍ ଇତ୍ୟାଦି । |

ବର୍ଗୀକରଣ ଆଧାରରେ ଗୋଟିଏ ଉଦ୍ୟୋଗ ବିଭିନ୍ନ ପ୍ରକାର ଉଦ୍ୟୋଗର ଉଦାହରଣ ହୋଇପାରେ । ଉଦାହରଣ ସ୍ୱରୂପ ବୋକାରୋ ଲୌହଇସ୍ପାତ ଶିଳ୍ପ ଖଣିଜ ଭିତ୍ତିକ ଶିଳ୍ପ, ଏକ ରାଷ୍ଟ୍ରୀୟ ଶିଳ୍ପ, ମୌଳିକ ଶିଳ୍ପ, ବୃହତ୍ ଶିଳ୍ପ ସହିତ ଭାରୀ ଶିଳ୍ପ ମଧ୍ୟ ଅଟେ ।

## ପାଠ୍ୟଗତ ପ୍ରଶ୍ନ ୨୪.୨

1. ନିମ୍ନଲିଖିତ ଉଦ୍ୟୋଗ ମଧ୍ୟରୁ କେଉଁଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ?
   (i) ଜେ.କେ.ସିମେଣ୍ଟ (ii) ଟାଟା ଲୌହ ଇସ୍ପାତ
   (iii) ବୋକାରୋ ଲୌହ ଇସ୍ପାତ (iv) ରେମଣ୍ଡସ୍ ସିନ୍ଥେଟିକ୍
2. ନିମ୍ନଲିଖିତ ମଧ୍ୟରୁ କେଉଁଟି ଖାଉଟି ଶିଳ୍ପ ?
   (i) ପେଟ୍ରୋ-ରସାୟନଣ୍ଟ (ii) ଲୌହ-ଇସ୍ପାତ
   (iii) ଚିତ୍ତରଞ୍ଜନ ରେଳଇଞ୍ଜିନ୍ (iv) ଚିନି କାରଖାନା
3. ନିମ୍ନଲିଖିତ ମଧ୍ୟରୁ କେଉଁଟି କ୍ଷୁଦ୍ରଶିଳ୍ପ ?
   (i) ଚିନିଣ୍ଟ (ii) କାଗଜ (iii) କାର୍ପାସ (iv) ଶିଲିଂଫ୍ୟାନ୍
4. ଉଦ୍ୟୋଗ ବର୍ଗୀକରଣର ପାଞ୍ଚଗୋଟି ଆଧାର ବା ଲକ୍ଷଣ ଲେଖ ।
   1. ______ 2. ______ 3. ______ 4. ______ 5. ______



ଟିପ୍ପଣୀ

## 24.3 କୃଷି ଭିତ୍ତିକ ଶିଳ୍ପ

ବୟନ ଶିଳ୍ପ, ଚିନି, କାଗଜ ଏବଂ ବନସ୍ପତି ତୈଳ ଶିଳ୍ପ ଆଦି କୃଷି ଭିତ୍ତିକ ଶିଳ୍ପର ଉଦାହରଣ । ଏହି ଶିଳ୍ପରେ କୃଷି ଉତ୍ପାଦକୁ କଞ୍ଚାମାଲ ରୂପେ ବ୍ୟବହାର କରାଯାଏ ।

ସଂଗଠିତ ଔଦ୍ୟୋଗିକ କ୍ଷେତ୍ରରେ ବୟନ ଶିଳ୍ପ ବୃହତ୍ତମ ଉଦ୍ୟୋଗ ଅଟେ । (i) କାର୍ପାସ ବୟନ (ii) ପଶମ ବୟନ (iii) ରେଶମ ବୟନ (iv) ସିନ୍ଥେଟିକ ତନ୍ତୁ (iv) ଝୋଟ ଶିଳ୍ପ ବୟନଶିଳ୍ପର ଅନ୍ତର୍ଗତ । ଦେଶର ମୋଟ୍ ଔଦ୍ୟୋଗିକ ଉତ୍ପାଦର ପ୍ରାୟ ଏକ ପଞ୍ଚମାଂଶ ବହିରାଗତ ଆୟର ଏକ ତୃତୀୟାଂଶ ବୟନଶିଳ୍ପର ଅବଦାନାକର୍ମନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମଧ୍ୟ କୃଷିପଛକୁ ଏହା ଦ୍ୱିତୀୟ ଅଟେ ।

### (କ) କାର୍ପାସ ବୟନ ଶିଳ୍ପ

1854 ମସିହାରେ ମୁମ୍ବାଇଠାରେ ଭାରତର ପ୍ରଥମ କାର୍ପାସ ବୟନ ଶିଳ୍ପ ପ୍ରତିଷ୍ଠା ହୋଇଥିଲା । ତାହାପରଠାରୁ ଏହି ଶିଳ୍ପର ଉତ୍ତରୋତ୍ତର ଉନ୍ନତି ହେବାରେ ଲାଗିଛି । 1952 ମସିହାରେ ଦେଶରେ ମୋଟ୍ 378ଟି କାର୍ପାସ ବୟନ ଶିଳ୍ପ ଥିବାବେଳେ 1998 ମସିହା ମାର୍ଚ୍ଚଶେଷ ସୁଦ୍ଧା ଏହି ସଂଖ୍ୟା 1782ରେ ପହଞ୍ଚିଥିଲା ।

ଦେଶର ଅର୍ଥନୀତିରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଲୋକଙ୍କୁ ଏହା କର୍ମନିଯୁକ୍ତି ଯୋଗାଇଥାଏ । ଦେଶର ମୋଟ୍ ଔଦ୍ୟୋଗିକ ଶ୍ରମର ଏକ ପଞ୍ଚମାଂଶ ଏହି ଶିଳ୍ପରେ ରହିଛି ।


#### (i) ଉତ୍ପାଦନ

ଏହି ଶିଳ୍ପର ତିନୋଟି କ୍ଷେତ୍ର ଅଛି । ଯଥା:-କପଡ଼ା ମିଲ୍, ହସ୍ତତନ୍ତ ଏବଂ ପାୱାରଲୁମ୍ । 1950-51 ମସିହାରେ କାର୍ପାସ ବୟନ ଉତ୍ପାଦନ 5421କୋଟି ବର୍ଗ ମିଟର ଥିଲା । ମାତ୍ର 1998-99 ମସିହା ବେଳକୁ ଏହା ବୃଦ୍ଧିପାଇ 1794.9 କୋଟି ବର୍ଗମିଟର ହୋଇପାରିଲା । କାର୍ପାସ ଓ ସିନ୍ଥେଟିକ୍ ତନ୍ତୁ ବୟନ ଶିଳ୍ପ କ୍ଷେତ୍ରରେ ଆଖିଦୃଷ୍ଟିଆ ଉନ୍ନତ ହୋଇଛି । ଉଭୟ ପ୍ରକାର ସୂତାରେ ନିର୍ମିତ କପଡ଼ାର ମୁଣ୍ଡପିଛା ଉପଲବ୍ଧତା (1960-61ରେ) 15ମିଟର ଥିଲା । ମାତ୍ର 1996-97 ମସିହାରେ ଏହା 28 ମିଟରକୁ ବୃଦ୍ଧି ପାଇଥିଲା । ଫଳସ୍ୱରୂପ ଆମଦେଶ ବିପୁଳ ପରିମାଣରେ ସୂତା, ସୂତାବସ୍ତ୍ର ଏବଂ ସିନ୍ଥେଟିକ୍ ବସ୍ତ୍ର ରପ୍ତାନୀ ଦ୍ୱାରା 1995-96 ମସିହାରେ ଆମେ 2.6 ବିଲିୟନ୍ ଡଲାର ବୈଦେଶିକ ମୁଦ୍ରା ଅର୍ଜନ କରିଥିଲୁ ।

#### (ii) ବିତରଣ

ଦେଶରେ ସର୍ବତ୍ର ଏହି ଶିଳ୍ପ ଦେଖିବାକୁ ମିଳେ । ଦେଶର ବିଭିନ୍ନ ଭାଗରେ 88ରୁ ଅଧିକ କେନ୍ଦ୍ରରେ ସୂତାକଳ ରହିଛି । କିନ୍ତୁ ଅଧିକାଂଶ ଶିଳ୍ପ ଉତ୍ତରସ୍ଥ ସମତଳ ଅଞ୍ଚଳ ଓ ଉପଦ୍ୱୀପୀୟ ଭାରତର କପାଚାଷ ଅଞ୍ଚଳରେ ହିଁ ଦେଖାଯାଏ । (ଚିତ୍ର ନଂ 24.1)

କାର୍ପାସ ବୟନ ଶିଳ୍ପରେ ମହାରାଷ୍ଟ୍ର ଅଗ୍ରଣୀ । ମୁମ୍ବାଇ ଏହି ଶିଳ୍ପର ପ୍ରମୁଖ କେନ୍ଦ୍ର ଅଟେ । କାରଣ ଅର୍ଦ୍ଧାଧିକ କାର୍ପାସ ବୟନ ଶିଳ୍ପକେନ୍ଦ୍ର ମୁମ୍ବାଇରେ ରହିଅଛି । ତେଣୁ ମୁମ୍ବାଇକୁ ଭାରତର କଟନ୍‌ପୋଲସି (Cottonpolis) କୁହାଯାଏ । ଶୋଲାପୁର, କୋହ୍ଲାପୁର, ନାଗପୁର, ପୁଣେ, ଔରଙ୍ଗାବାଦ ଏବଂ ଜଳଗାଁ ମହାରାଷ୍ଟ୍ରର କେତୋଟି ପ୍ରଧାନ କେନ୍ଦ୍ର ।




**ଚିତ୍ର : ୨୪.୧ ଭାରତ ବୟନଶିଳ୍ପ କେନ୍ଦ୍ର**

ଏହି ଶିଳ୍ପରେ ଗୁଜୁରାଟର ସ୍ଥାନ ଦ୍ୱିତୀୟ । ଅହମଦାବାଦ୍ ଏହାର ମୁଖ୍ୟକେନ୍ଦ୍ର । ସୁରାଟ, ଭଦୋଦରା, ଭାବାନଗର, ରାଜକୋଟ୍ ଏବଂ ଭାରୋଚ୍ ଆଦି ଗୁଜୁରାଟର ଅନ୍ୟ କେତୋଟି ଶିଳ୍ପକେନ୍ଦ୍ର ।

ଦକ୍ଷିଣ ଭାରତରେ ଏହି ଶିଳ୍ପରେ ତାମିଲନାଡୁ ଅଗ୍ରଣୀ । କୋଏମ୍ବାଟୁର୍ ଏହାର ପ୍ରମୁଖ କେନ୍ଦ୍ର । ଏହାଛଡ଼ା ତିରୁନଲ୍‌ଭେଲି, ଚେନ୍ନାଇ, ମଦୁରାଇ, ତିରୁଚିଲାପଲ୍ଲୀ, ସାଲେମ୍ ଏବଂ ତାଞ୍ଜାଭର୍ ଇତ୍ୟାଦି କେତୋଟି ପ୍ରଧାନ କେନ୍ଦ୍ର ।

କର୍ଣ୍ଣାଟକର ବେଙ୍ଗାଲୁରୁ, ବେଲଗାଓଁ ଏବଂ ଗୁଲବର୍ଗାଠାରେ ବୟନ ଶିଳ୍ପକେନ୍ଦ୍ର ଅଛି । ଉତ୍ତର ପ୍ରଦେଶର କାନପୁର, ଇଟାୱା, ମୋଦିନଗର, ବାରଣାସୀ ଏବଂ ହାଥରସ୍ ସହରରେ କାର୍ପାସ ବୟନ ଶିଳ୍ପକେନ୍ଦ୍ର ଦେଖାଯାଏ । ମଧ୍ୟପ୍ରଦେଶର ଇନ୍ଦୋର ଓ ଗୋଆଲିୟର୍‌ରେ ଏହି ଶିଳ୍ପକେନ୍ଦ୍ର ରହିଛି । ହାଓ୍ୱଡ଼ା, ଶ୍ରୀରାମପୁର ଏବଂ ମୁର୍ଶିଦାବାଦ୍ ଆଦି ସହରରେ ପଶ୍ଚିମବଙ୍ଗର ପ୍ରମୁଖ କାର୍ପାସ ବୟସ ଶିଳ୍ପକେନ୍ଦ୍ର ।



ଟିପ୍ପଣୀ

ରାଜସ୍ଥାନ, ପଞ୍ଜାବ, ହରିୟାନା ଏବଂ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏହି ଶିଳ୍ପକେନ୍ଦ୍ର ରହିଛି ।

ଅହମ୍ମଦାବାଦ-ମୁମ୍ବାଇ-ପୁନେ ଶିଳ୍ପାଞ୍ଚଳରେ କାର୍ପାସ ବୟନଶିଳ୍ପ ସ୍ଥାପିତ ହେବାର ପ୍ରମୁଖ କାରକ ଗୁଡ଼ିକ ଯଥାକ୍ରମେ:-

୧. **କଞ୍ଚାମାଲର ସୁଲଭତା :** ଏହି ବଳୟରେ ପ୍ରଚୁର କପାଚାଷ କରାଯାଏ ।

୨. **ପୁଞ୍ଜିର ସୁଲଭତା :** ମୁମ୍ବାଇ, ପୁନେ ଏବଂ ଅହମଦାବାଦ୍ ପରି ସହରରେ ସହଜରେ ପୁଞ୍ଜି ମିଳିଥାଏ ।

୩. **ପରିବହନ ମାଧ୍ୟମ :** ଏହି ଅଞ୍ଚଳ ଭାରତର ଅନ୍ୟଭାଗ ସହ ସଡ଼କପଥ ତଥା ରେଳପଥ ଦ୍ୱାରା ସଂଯୁକ୍ତ । ଫଳସ୍ୱରୂପ ଉତ୍ପାଦିତ ପଦାର୍ଥ ଖୁବ୍ ସହଜରେ ପରିବାହିତ ହୋଇପାରେ ।

୪. **ବଜାରର ସୁଲଭ୍ୟତା :** ଉତ୍ପାଦିତ ବସ୍ତ୍ର ବିକ୍ରୀପାଇଁ ମହାରାଷ୍ଟ୍ର ଏବଂ ଗୁଜୁରାଟରେ ବଜାରର ସୁଲଭ୍ୟତା ରହିଛି । ଉନ୍ନତ ପରିବହନ ପ୍ରଣାଳୀ ଯୋଗୁଁ ବିଭିନ୍ନ ସହରକୁ ବସ୍ତ୍ର ପରିବାହିତ କରାଯାଇପାରିବା ସହ ବିଦେଶକୁ ମଧ୍ୟ ରପ୍ତାନୀ କରାଯାଏ ।

୫. **ନିକଟବର୍ତ୍ତୀ ବନ୍ଦର :** ନିକଟବର୍ତ୍ତୀ ମୁମ୍ବାଇ ବନ୍ଦରଯୋଗୁଁ ଯନ୍ତ୍ରପାତି ଏବଂ ଉତ୍ତମ କିସମର କପା ଆମଦାନୀ କରିବା ସହଜ ହୁଏ ଏବଂ ଉତ୍ପାଦି ବସ୍ତ୍ର ମଧ୍ୟ ବିଦେଶକୁ ରପ୍ତାନୀ କରାଯାଏ ।

୬. **ଶ୍ରମ ସୁଲଭତା :** ନିକଟବର୍ତ୍ତୀ ଅଞ୍ଚଳରେ ସହଜରେ କୁଶଳୀ ଶ୍ରମିକ ମିଳିଥାଆନ୍ତି ।

୭. **ଶକ୍ତିର ସୁଲଭତା :** ଶସ୍ତା ତଥା ଯଥେଷ୍ଟ ପରିମାଣର ଶକ୍ତିର ସୁଲଭତା ଏଠାରେ ରହିଛି ।

## (ଖ) ଚିନି ଶିଳ୍ପ

ଏହି ଶିଳ୍ପ ଭାରତର ଦ୍ୱିତୀୟ ବୃହତ୍ତମ କୃଷିଭିତ୍ତିକ ଶିଳ୍ପ । 2003 ମସିହାରେ ଆମଦେଶରେ ୪୫୩ଟି ଚିନିକଳ ଥିଲା । ଏହି ଶିଳ୍ପରେ 2.5 ଲକ୍ଷ ଲୋକ ଆତ୍ମନିଯୁକ୍ତି ପାଇଛନ୍ତି ।

### (i) ଉତ୍ପାଦନ :

ଆଖୁର ଉତ୍ପାଦନ ଉପରେ ଚିନି ଉତ୍ପାଦନ ନିର୍ଭର କରେ । 1950-51 ମସିହାରେ ଦେଶର ମୋଟ୍ ଚିନି ଉତ୍ପାଦନ 11.3 ଟନ୍ ଥିଲା । 2002-03 ମସିହାରେ ଏହା 201.32 ଟନ୍‌କୁ ବୃଦ୍ଧି ପାଇଥିଲା । ମାତ୍ର 2003-04 ମସିହା ବେଳକୁ ଚିନି ଉତ୍ପାଦନ ହ୍ରାସପାଇ 13୪ ଲକ୍ଷ ଟନ୍‌ରେ ପହଞ୍ଚିଥିଲା ।

### (ii) ବିତରଣ :

ଦେଶର ପ୍ରମୁଖ ଚିନିକଳ ଅଞ୍ଚଳ ଗୁଡ଼ିକ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଆଦି ଛଅଗୋଟି ରାଜ୍ୟରେ କେନ୍ଦ୍ରୀଭୂତ ।

***ଉତ୍ତରପ୍ରଦେଶ :*** ଚିନି ଉତ୍ପାଦନରେ ଉତ୍ତରପ୍ରଦେଶ ଅଗ୍ରଣୀ ଅଟେ । ପଶ୍ଚିମ ଉତ୍ତରପ୍ରଦେଶର ମେରଟ୍, ମୁଜାଫର୍ ନଗର, ଶାହାରନ୍‌ପୁର, ବିଜନର୍, ମୋରଦାବାଦ ଏବଂ ବୁଲନ୍ଦ ସହରରେ ମୁଖ୍ୟତଃ ଚିନିକଳ ରହିଛି । ପୂର୍ବ ଉତ୍ତରପ୍ରଦେଶର ଦେଓରିଆ, ବସ୍ତୀ, ଗୋଣ୍ଡା ଏବଂ ଗୋରଖପୁର ଆଦି ସହର ଚିନିକଳ ପାଇଁ ପ୍ରସିଦ୍ଧ । ଆମଦେଶର ଉତ୍ତରପ୍ରଦେଶରେ ସର୍ବାଧିକ ଆଖୁଚାଷ କରାଯାଏ । 2003-04 ମସିହାରେ ଦେଶରେ ମୋଟ୍ ଉତ୍ପାଦିତ ଆଖୁର ଏକ-ତୃତୀୟାଂଶ ଆଖୁ କେବଳ ଉତ୍ତରପ୍ରଦେଶରେ ଉତ୍ପନ୍ନ ହୋଇଥିଲା । ଏଠାରେ ପ୍ରତି ହେକ୍ଟର ପିଛା ଆଖୁ ଉତ୍ପାଦନ କମ୍ ହେବା ସହ ଆଖୁରେ ଚିନି ଅଂଶ ମଧ୍ୟ କମ୍ ।

***ମହାରାଷ୍ଟ୍ର :*** ଉପଦ୍ୱୀପୀୟ ଭାରତର ଏକମାତ୍ର ରାଜ୍ୟ ମହାରାଷ୍ଟ୍ର, ଯେଉଁ ରାଜ୍ୟରେ ଦେଶର ମୋଟ୍ ଉତ୍ପାଦିତ ଚିନି ପରିମାଣର ଏକ-ଚତୁର୍ଥାଂଶ ଉତ୍ପାଦନ ହୁଏ । ନାସିକ, ପୁନେ, ସତାରା, ସାଙ୍ଗ୍‌ଲି, କୋହ୍ଲାପୁର ଏବଂ ସୋଲାପୁର ସହରରେ ପ୍ରମୁଖ ଚିନିକଳ ଦେଖାଯାଏ ।

***ଆନ୍ଧ୍ରପ୍ରଦେଶ :*** ଆନ୍ଧ୍ରପ୍ରଦେଶର ପୂର୍ବ ଓ ପଶ୍ଚିମ ଗୋଦାବରୀ, ବିଶାଖାପାଟଣା, ନିଜାମାବାଦ, ମେଡ଼କ୍ ଏବଂ ଚିତ୍ତୋର ଜିଲ୍ଲା ପ୍ରମୁଖ ଚିନିକଳ ଅଛି ।

***ତାମିଲନାଡୁ :*** ତାମିଲନାଡୁର ଉତ୍ତର ଓ ଦକ୍ଷିଣ ଆର୍କୋଟ, ମଦୁରାଇ, କୋଏମ୍ବାଟୁର ଏବଂ ତିରୁଚିରାପଲ୍ଲୀ ଜିଲ୍ଲାରେ ମୁଖ୍ୟତଃ ଚିନି ଉତ୍ପାଦନ କରାଯାଏ ।

***କର୍ଣ୍ଣାଟକ :*** ବେଲଗାଓଁ, ମାଣ୍ଡ୍ୟ, ବିଜାପୁର, ବେଲାରୀ, ଶିମୋଗାଁ ଓ ଚିତ୍ରଦୁର୍ଗ ଜିଲ୍ଲାରେ ରାଜ୍ୟର ମୁଖ୍ୟ ଚିନିକଳ ରହିଛି ।

ଏହାଛଡ଼ା ବିହାର, ଗୁଜୁରାଟ, ପଞ୍ଜାବ, ହରିୟାନା ଏବଂ ରାଜସ୍ଥାନରେ ମଧ୍ୟ ଚିନିକଳ ଅଛି ।

ଚିନି ଶିଳ୍ପ ପ୍ରତିଷ୍ଠାର ମୁଖ୍ୟ କାରକ ଗୁଡ଼ିକ ଯଥାକ୍ରମେ :

(1) ଆଖୁ ଚିନିଶିଳ୍ପର ମୁଖ୍ୟ କଞ୍ଚାମାଲ । ତେଣୁ ଆଖୁ ଉତ୍ପାଦିତ ଅଂଚଳରେ ମୁଖ୍ୟତଃ ଚିନିକଳ ପ୍ରତିଷ୍ଠା ହୋଇଥାଏ । ଆଖୁ ଅମଳ ପରେ ଖୁବ୍ ଶୀଘ୍ର ଶୁଖିଯାଏ । ଆଖୁକୁ ଦୀର୍ଘଦିନ ଧରି ରଖାଯାଇପାରେ ନାହିଁ । ତେଣୁ ଅମଳପରେ ସଂଗେ ସଂଗେ ଆଖକୁ ଚିନିକଳକୁ ପଠାଇ ଦିଆଯାଏ ।


(2) ଆଖୁର ପରିବହନ ଖର୍ଚ୍ଚ ଖୁବ୍ ଅଧିକ । ସାଧାରଣତଃ ଶଗଡ଼ ଗାଡ଼ିରେ ଆଖୁ 20-25 କି.ମି ପର୍ଯ୍ୟନ୍ତ ପରିବାହିତ ହୁଏ । ଏବେ ଟ୍ରାକ୍ଟର ଓ ଟ୍ରକ୍ ଦ୍ୱାରା ପରିବହନ କରାଯାଉଛି ।

ଏହାଛଡ଼ା ପୁଞ୍ଜି, ବଜାର, ଶ୍ରମ ଓ ଶକ୍ତିର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

**ଉତ୍ତର ଭାରତରୁ ଦକ୍ଷିଣ ଭାରତକୁ ଚିନି ଶିଳ୍ପ ସ୍ଥାନାନ୍ତରୀତ ହେବା କାରଣ**

1. ଦକ୍ଷିଣ ଭାରତରେ ହେକ୍ଟର ପିଛା ଆଖୁ ଉତ୍ପାଦନ ଅପେକ୍ଷାକୃତ ଭାବେ ଅଧିକ । ଏଠାକାର କ୍ରାନ୍ତୀୟ ଜଳବାୟୁରେ ଭଲ ଆଖୁଚାଷ ହୁଏ ।
2. ଦକ୍ଷିଣ ଭାରତର କ୍ରାନ୍ତିମଣ୍ଡଳୀୟ ଆଖୁରେ ଚିନି ପରିମାଣ ଅଧିକ ।
3. ଉତ୍ତର ଭାରତ ଅପେକ୍ଷା ଦକ୍ଷିଣ ଭାରତରେ ଆଖୁପେଡ଼ା ଋତୁର ଅବଧି ଅଧିକ ।
4. ଦକ୍ଷିଣ ଭାରତର ଚିନିକଳ ଗୁଡ଼ିକରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହୃତ ହୁଏ ।
5. ଦକ୍ଷିଣ ଭାରତର ଅଧିକାଂଶ ଚିନିକଳ ସମବାୟ ଭିତ୍ତିକ ହୋଇଥିବାରୁ ଲାଭ ବୃଦ୍ଧି ଏକମାତ୍ର ଲକ୍ଷ୍ୟ ନୁହେଁ ।

- ◆ କୃଷିଭିତ୍ତିକ ଶିଳ୍ପରେ କୃଷି ଉତ୍ପାଦ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ ।
- ◆ କାର୍ପାସ ବୟନ ଶିଳ୍ପ ଭାରତର ବୃହତ୍ତମ ସଂଗଠିତ ଶିଳ୍ପ ।
- ◆ ଭାରତର ସବୁଆଡ଼େ କାର୍ପାସ ବୟନଶିଳ୍ପ ଦେଖାଯାଏ ।
- ◆ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ବିହାର, ଗୁଜୁରାଟ ଏବଂ ଆନ୍ଧ୍ରପ୍ରଦେଶର ଅଧିକାଂଶ ଚିନିକଳ ରହିଛି ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ ୨୪.୩

୧. ଆଧୁନିକ କାର୍ପାସ ବୟନ ଶିଳ୍ପ କେବେ ଓ କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

______________________________

୨. ଦେଶର ମୋଟ କାର୍ପାସ ବୟନରେ ପାଓ୍ୱାରଲୁମ୍‌ର ଯୋଗଦାନ କେତେ ?

______________________________

୩. କାର୍ପାସ ବୟନରେ କେଉଁ ରାଜ୍ୟ ଭାରତରେ ଅଗ୍ରଣୀ ?

______________________________

୪. ଉତ୍ତର ଭାରତରୁ ଦକ୍ଷିଣ ଭାରତକୁ ଚିନି ଶିଳ୍ପ ସ୍ଥାନାନ୍ତରୀତ ହେବାର ୩ଟି କାରଣ ଲେଖ ।

(i) ______________________________

(ii) ______________________________

(iii) ______________________________

## 24.4 ଖଣିଜ ଭିତ୍ତିକ ଶିଳ୍ପ

ଖଣିଜ ପଦାର୍ଥକୁ କଞ୍ଚାମାଲ ରୂପେ ବ୍ୟବହାର କରୁଥିବା ଶିଳ୍ପକୁ ଖଣିଜ ଭିତ୍ତିକ ଶିଳ୍ପ କୁହାଯାଏ । ଲୌହ-ଇସ୍ପାତ ଶିଳ୍ପ ଏହି ଶିଳ୍ପ ମଧ୍ୟରେ ପ୍ରଧାନ । ଇଞ୍ଜିନୟରିଂ, ସିମେଣ୍ଟ, ରସାୟନ ଓ ସାର ଶିଳ୍ପ ମଧ୍ୟ ଖଣିଜ ଭିତ୍ତିକ ଅଟନ୍ତି ।

### (କ) ଲୌହ-ଇସ୍ପାତ ଶିଳ୍ପ

ଏହା ଏକ ମୌଳିକ ଶିଳ୍ପ ଏବଂ ଏହାର ଉତ୍ପାଦ ଅନ୍ୟାନ୍ୟ ଶିଳ୍ପର ଏହା ଏକ ମୌଳିକ ଶିଳ୍ପ ଏବଂ ଏହାର ଉତ୍ପାଦ ଅନ୍ୟାନ୍ୟ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହାର ହୁଏ । 1817 ମସିହାରେ ପଶ୍ଚିମବଙ୍ଗର କୁଲ୍‌ଟୀଠାରେ 'ବେଙ୍ଗଲ ଆଇରନ୍ ଏଣ୍ଡ ଷ୍ଟିଲ୍ ଓ୍ୱାର୍କସ୍' ନାମରେ ଭାରତର ପ୍ରଥମ ଆଧୁନିକ ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ହୋଇଥିଲା । 1907 ମସିହାରେ ଜାମ୍‌ସେଦ୍‌ପୁରଠାରେ ଟାଟା ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠିତ ହେଲା । 1919 ରେ ବର୍ଣ୍ଣପୁର ଠାରେ ଇଣ୍ଡିଆନ୍ ଆଇରନ୍ ଏଣ୍ଡ ଷ୍ଟିଲ୍ ପ୍ଲାଣ୍ଟ୍ ସ୍ଥାପିତ ହେଲା । ଏହି ତିନୋଟି ଶିଳ୍ପ କିନ୍ତୁ ବେସରକାରୀ ଥିଲା । 1923 ରେ କର୍ଣ୍ଣାଟକର ଭଦ୍ରାବତୀ ଠାରେ ଭାରତର ପ୍ରଥମ ସରକାରୀ ଲୌହ ଇସ୍ପାତ ଶିଳ୍ପ 'ବିଶ୍ୱେଶରାୟା ଲୌହ ଇସ୍ପାତ କାରଖାନା' ପ୍ରତିଷ୍ଠିତ ହୋଇଥିଲା । ସ୍ୱାଧୀନତା ପରଠାରୁ ଲୌହ-ଇସ୍ପାତ ଶିଳ୍ପ ଦ୍ରୁତ ବିକାଶ ଲାଭ କରିଛି । ରାଉରକେଲା, ଭିଲ୍ଲାଇ ଓ ଦୁର୍ଗାପୁରରେ ତିନୋଟି ସମନ୍ୱିତ (Integrated) ପ୍ରତିଷ୍ଠା କରାଗଲା । 1964ରେ ସରକାରୀ ଉଦ୍ୟୋଗ ଭାବେ ବୋକାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠିତ ହେଲା । ସୋଭିଏତ୍ ୟୁନିୟନ୍ ସହାୟତାରେ ବୋକାରୋ ଓ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ୍ର ପ୍ରତିଷ୍ଠା ହୋଇଗଲା । ଇଂଲଣ୍ଡ ସହାୟତାରେ ଦୁର୍ଗାପୁର ଇସ୍ପାତ ଶିଳ୍ପ ଏବଂ



ଟିପ୍ପଣୀ


ଜର୍ମାନୀ ସହାୟତାରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ୍ ସ୍ଥାପିତ ହୋଇଥିଲା । ପରବର୍ତ୍ତୀ ସମୟରେ ବିଶାଖାପାଟଣା ଓ ସାଲେମ୍‌ଠାରେ ଇସ୍ପାତ ଶିଳ୍ପ ସ୍ଥାପନ ହେଲା ।

ସ୍ୱାଧିନତା ପ୍ରାପ୍ତି ସମୟରେ ଭାରତରେ ସ୍ୱଳ୍ପ ପରିମାଣର ଲୌହ ଇସ୍ପାତ ଉତ୍ପାଦନ ହୋଇଥିଲା । 1950-51ରେ ଉତ୍ପାଦିତ ଇସ୍ପାତ ପରିମାଣ 10 ଲକ୍ଷ ଟନ୍ ଥିଲା । 1998-99 ବେଳକୁ ଏହା 23.8 ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇଥିଲା ।

ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁରେ ପ୍ରମୁଖ ଇସ୍ପାତ ଶିଳ୍ପ ରହିଛି । ଏହାଛଡ଼ା ଦେଶରେ 200ଟି ଲଘୁ ଇସ୍ପାତ ଶିଳ୍ପ ରହିଛି । ଏହି ଶିଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା 6.2 ମିଲିୟନ୍ ଟନ୍ ଅଟେ । ଲଘୁ ଇସ୍ପାତ ଶିଳ୍ପରେ ସ୍ପଞ୍ଜ ଆଇରନ୍ କିମ୍ବା ସ୍କ୍ରାପ୍‌ରୁ ଇସ୍ପାତ ପ୍ରସ୍ତୁତ କରାଯାଏ । ଖଣିଜ ପଦାର୍ଥ ଯଥା ଲୁହାପଥର, କୋଇଲା, ମାଙ୍ଗାନିଜ୍ ଏବଂ ଚୁନପଥରରେ ପରିପୂର୍ଣ୍ଣ ଛୋଟନାଗପୁର ମାଳଭୂମି ଅଂଚଳରେ ହିଁ ଅଧିକ ଲୌହ-ଇସ୍ପାତ ଶିଳ୍ପ ସ୍ଥାପିତ ହୋଇଛି । ଲୌହ ଇସ୍ପାତ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ, ଶକ୍ତି, ମାଲିକାନା ଏବଂ ଅବସ୍ଥିତି ଆଦି ନିମ୍ନଲିଖିତ ସାରଣୀରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

| ଉଦ୍ୟୋଗର ନାମ | ଅବସ୍ଥିତି | ମାଲିକାନା | କୋଇଲା/ ବିଜୁଳିଶକ୍ତି | କଂଚାମାଲ୍ ମିଳୁଥିବା ସ୍ଥାନ | | |
|---|---|---|---|---|---|---|
| | | | | ଲୁହାପଥର | ଚୂନପଥର | ମାଙ୍ଗାନିଜ୍ |
| ୧. TISCO | ଜାମସେଦ୍‌ପୁର | ବେସରକାରୀ | ଝରିଆ | ମୟୂରଭଞ୍ଜ ସିଂହଭୂମି | କେଉଁଝର | ସିଂହଭୂମି |
| ୨. IISCO | ବର୍ଣ୍ଣପୁର | ସରକାରୀ | ଝରିଆ | ମୟୂରଭଞ୍ଜ DVC | କେଉଁଝର ସିଂହଭୂମି | ସିଂହଭୂମ |
| ୩. VISL | ଭଦ୍ରାବତୀ | ସରକାରୀ | ସରାବତୀ ପ୍ରୋଜେକ୍ଟ | କେମାମାନ୍ ଗୁଣ୍ଡି | ଭଣ୍ଡିଗୁଡ଼ା | ଚିତ୍ରଦୁର୍ଗ ଶିମାଗା |
| ୪. HSL | ରାଉରକେଲା | ସରକାରୀ | ବେକାରୋ ଝରିଆ ହିରାକୁଦ | ସୁନ୍ଦରଗଡ଼ କେଉଁଝର | ପୁରୁଣାପାଣି | ବଡ଼ ଜାମଦା |
| ୫. HSL | ଭିଲାଇ | ସରକାରୀ | କରଗଲି କୋର୍ବା | ଦଲିରାଜହରା | ନନ୍ଦିନୀ | ବାଲାଘାଟ |

| | | | | | | | |
|---|---|---|---|---|---|---|---|
| ୬. | HSL | ଦୁର୍ଗାପୁର | ସରକାରୀ | ଝରିଆ DVC | ବୋଲାଙ୍ଗୀର (କେଉଁଝର) | ବୀରମିତ୍ରପୁର (ସୁନ୍ଦରଗଡ଼) | ଜାମଦା (କେଉଁଝର) |
| ୭. | BSL | ବୋକାରୋ | ସରକାରୀ | ଝରିଆ DVC | କିରିବୁରୁ (କେଉଁଝର) | ପାଲାମୁ | ବାଡ଼କର |
| ୮. | SSP | ସାଲେମ୍ | ସରକାରୀ | ନେଭେଲି | ସାଲେମ୍ ଜିଲ୍ଲା | ସାଲେମ୍ ଜିଲ୍ଲା | ସାଲେମ୍ ଜିଲ୍ଲା |
| ୯. | VSL | ବିଶାଖାପାଟଣା | ସରକାରୀ | DVC | ବୈଲାଡ଼ିଲା ଛତିଶଗଡ଼ | ଛତିଶଗଡ଼ ମଧ୍ୟପ୍ରଦେଶ | ବାଲାଘାଟ |




Based upon Survey of India outline map printed in 1979.
The territorial waters of India extend into the sea to a distance of twelve nautical miles measured from the appropriate base line.
The boundary of Meghalaya shown on this map is as interpreted from the North-Eastern Areas (Reorganisation) Act 1971, but has yet to be verified.
© Government of India copyright, 1979

**ଚିତ୍ର ନଂ 24.2 : *ଭାରତର ଲୌହ ଇସ୍ପାତ ଶିଳ୍ପ***

ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ ୨୪.୪

1. 'Bengal Iron and Steel Works' ପ୍ରତିଷ୍ଠା ହେବା ସ୍ଥାନ ଓ ସମୟ ଉଲ୍ଲେଖ କର ।

   ______________________________

2. କେଉଁ ଦେଶର ସହାୟତାରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ହୋଇଥିଲା ?

   ______________________________

3. ନିମ୍ନଲିଖିତ ଇସ୍ପାତ ଶିଳ୍ପ ମଧ୍ୟରୁ କେଉଁଟି ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ?

   (a) ଦୁର୍ଗାପୁର (b) ବୋକାରୋ (c) ଭିଲାଇ (d) ବିଶାଖାପାଟଣା

4. ନିମ୍ନଲିଖିତ ମଧ୍ୟରୁ କେଉଁ ଇସ୍ପାତ ଶିଳ୍ପ ବେସରକାରୀ ଉଦ୍ୟୋଗ ଅଟେ ?

   (a) ବଣ୍ଡପୁର (b) ଭଦ୍ରାବତୀ (c) ଜାମସେଦପୁର (d) ଭିଲାଇ

## 24.5 ପେଟ୍ରୋ- ରସାୟନ ଶିଳ୍ପ

ପେଟ୍ରୋ ରସାୟନ ଶିଳ୍ପ ଭାରତର ଦ୍ରୁତ ବିକାଶ ଲାଭ କରୁଥିବା ଉଦ୍ୟୋଗ ମାନଙ୍କ ମଧ୍ୟରେ ଅନ୍ୟତମ । ଏହି ଶିଳ୍ପ ଦେଶର ଶିଳ୍ପ ଜଗତରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଛି । କାରଣ ଏହାର ଉତ୍ପାଦ କାଠ, କାଚ ଏବଂ ଧାତୁ ପରି ପାରମ୍ପାରିକ କଞ୍ଚାମାଲକୁ ପ୍ରତିସ୍ଥାପିତ କରି ତୁଳନାତ୍ମକ ଭାବେ ଶସ୍ତାରେ ଲୋକଙ୍କର ଆବଶ୍ୟକତା ପୂରଣ କରିଛି । ପେଟ୍ରୋଲିୟମ୍ କିମ୍ବା ପ୍ରାକୃତିକ ବାଷ୍ପରୁ ପେଟ୍ରୋ ରସାୟନ ପ୍ରସ୍ତୁତ କରାଯାଏ । ଟୁଥ୍‌ବ୍ରସ୍, ଟୁଥ୍‌ପେଷ୍ଟ, ପାନିଆ, ହେୟାରପିନ୍, ସାବୁନ୍ ଡ଼ବା, ପ୍ଲାଷ୍ଟିକ୍ ମଗ, ପୋଷାକ, ରେଡ଼ିଓ, ଟି.ଭି, ବଲ୍‌ପେନ୍, ଡିଟରଜେଣ୍ଟ, ଇଲେକ୍ଟ୍ରୀ ସୁଇଚ୍, ଲିପ୍‌ଷ୍ଟିକ୍, କୀଟନାଶକ, ପ୍ଲାଷ୍ଟିକ୍ ଥଳି, ବେଡ଼୍ କଭର୍, ଫୋମ୍ ଆଦି ଦୈନନ୍ଦିନ ବ୍ୟବହୃତ ଦ୍ରବ୍ୟ ପେଟ୍ରୋ ରସାୟନ ଉତ୍ପାଦ ଅଟେ ।

ଭାରତୀୟ ପେଟ୍ରୋ ରସାୟନ ନିଗମ ଗୁଜୁରାଟର ଉଦୋଦରା ନିକଟରେ ଏକ ବୃହତ୍ ପେଟ୍ରୋ-କେମିକାଲ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିଛନ୍ତି ଏବଂ ସେଠାରୁ ବିଭିନ୍ନ ପ୍ରକାର ପଦାର୍ଥ ଉତ୍ପାଦନ କରାଯାଉଛି । ଏହାଛଡ଼ା ଗୁଜୁରାଟର ହାଜିରା; ଗାନ୍ଧାର ଓ ମହାରାଷ୍ଟ୍ରର ନାଗାଥୋନ୍‌ଠାରେ ପେଟ୍ରୋ ରସାୟନ ଶିଳ୍ପ ସ୍ଥାପନ କରାଯାଇଛି । ପେଟ୍ରୋ ରସାୟନ ପଦାର୍ଥ ଉତ୍ପାଦନରେ ଭାରତ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ।

ଅଶୋଧିତ ତୈଳ ଶୋଧନ ନହେବା ପର୍ଯ୍ୟନ୍ତ କାମରେ ଲାଗିପାରେ ନାହିଁ । ଅଶୋଧିତ ତୈଳ ଶୋଧନ ଦ୍ୱାରା କିରୋସିନ, ଡିଜେଲ୍, ଲୁବ୍ରିକାଣ୍ଟସ୍ ଏବଂ ପେଟ୍ରୋ ରସାୟନ ଶିଳ୍ପର କଞ୍ଚାମାଲ ପ୍ରସ୍ତୁତ କରାଯାଏ । ବର୍ତ୍ତମାନ ଆମ ଦେଶରେ 14ଟି ତୈଳ ବିଶୋଧନାଗାର ରହିଛି ।

ଏହି ତୈଳ ବିଶୋଧନା ଗାରଗୁଡ଼ିକ ଆସାମର ଦିଗ୍‌ବୋଇ, ବୋଙ୍ଗାଇଗାଁ, ନୁନାମାଟି, ମହାରାଷ୍ଟ୍ରର ମୁମ୍ବାଇ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିହାରର ବାରାଉଣୀ, ଗୁଜୁରାଟର କୋୟାଲୀ, ଉତ୍ତପ୍ରଦେଶର ମଥୁରା, ହରିୟାନାର ପାନିପଥ, କେରଳର କୋଚି, କର୍ଣ୍ଣାଟକର ମାଙ୍ଗାଲୋର୍ ଏବଂ ତାମିଲନାଡୁର ଚେନ୍ନାଇ

ଠାରେ ଅବସ୍ଥିତ । ଗୁଜୁରାଟର ଯାମନଗୀରଠାରେ ଆମ ଦେଶର ଏକମାତ୍ର ବେସରକାରୀ ତୈଳ ବିଶୋଧନାଗାର 'ରିଲାଏନ୍‌ସ୍ ଇଣ୍ଡଷ୍ଟ୍ରୀଜ୍ ଲିଃ' ମାଲିକାନାରେ ରହିଛି ।

## ପାଠ୍ୟଗତ ପ୍ରଶ୍ନ ୨୪.୪

1. ପେଟ୍ରୋ ରସାୟନ ଦ୍ୱାରା ପ୍ରତିସ୍ଥାପିତ ହୋଇଥିବା ତିନୋଟି କଞ୍ଚାମାଲ୍‌ର ନାମ ଲେଖ ।

   i) ____________ ii) ____________ iii) ____________

2. ଭାରତୀୟ ପେଟ୍ରୋ-ରସାୟନ ନିଗମର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

   ________________________________

3. ମହାରାଷ୍ଟ୍ରର ଗୋଟିଏ ପେଟ୍ରୋ-ରସାୟନ ଶିଳ୍ପକେନ୍ଦ୍ରର ନାମ ଲେଖ ।

4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭକୁ ମିଶାଅ ।

| | |
|---|---|
| (i) ନୁନାମାଟି | (i) କେରଳ |
| (ii) କୋଚି | (ii) ଆସାମ |
| (iii) କର୍ଣ୍ଣାଲ୍ | (iii) ବିହାର |
| (iv) ବାରାଉଣୀ | (iv) ହରିୟାଣା |

## 24.6 ଔଦ୍ୟୋଗିକ ସମୂହ

ଭାରତରେ ଔଦ୍ୟୋଗି ବିକାଶ ସ୍ତରରେ ବହୁପରିମାଣରେ ଆଞ୍ଚଳିକ ତାରତମ୍ୟ ଦେଖାଯାଏ । କେତେକ ସ୍ଥାନରେ ବହୁତ ଉଦ୍ୟୋଗ ସମୂହ ଭାବେ ରହିଛି । ଦେଶର ଅଧିକାଂଶ ଶିଳ୍ପାଞ୍ଚଳ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ-ଇ ପ୍ରମୁଖ ବନ୍ଦର ଅଞ୍ଚଳ ବା ନିକଟବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିଛି । ଏହିସବୁ ଔଦ୍ୟୋଗିକ ଅଞ୍ଚଳରେ କଞ୍ଚାମାଲର ସୁଲଭତା, ଶକ୍ତି, ପୁଞ୍ଜି ଏବଂ ବଜାରର ସୁବିଧା ସୁଯୋଗ ରହିଛି । ଦେଶରେ ଗଢ଼ି ଉଠିଥିବା ମୋଟ୍ ଛଅଟି ଶିଳ୍ପାଞ୍ଚଳ ମଧ୍ୟରୁ ତିନୋଟି ବନ୍ଦର ଅଞ୍ଚଳରେ ଅବସ୍ଥିତ ।

ଭାରତର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକ ଯଥାକ୍ରମେ :

1. ହୁଗୁଳୀ ଶିଳ୍ପାଞ୍ଚଳ
2. ମୁମ୍ବାଇ-ପୁଣେ ଶିଳ୍ପାଞ୍ଚଳ
3. ଅହମଦାବାଦ-ଉଦୋଦରା ଶିଳ୍ପାଞ୍ଚଳ
4. ଛୋଟନାଗପୁର ଶିଳ୍ପାଞ୍ଚଳ
5. ମଦୁରାଇ-କୋଏମ୍ବାଟୁର-ବେଙ୍ଗାଲୁରୁ ଶିଳ୍ପାଞ୍ଚଳ
6. ଦିଲ୍ଲୀ ଏବଂ ନିକଟବର୍ତ୍ତୀ ଶିଳ୍ପାଞ୍ଚଳ

ଏହାଛଡ଼ା 15ଟି କ୍ଷୁଦ୍ରୟ ଶିଳ୍ପାଞ୍ଚଳ ଏବଂ 15 ଟି ଶିଳ୍ପ ଜିଲ୍ଲା ଆମଦେଶରେ ଅଛି ।

## 24.7 ଔଦ୍ୟୋଗିକ ଆତ୍ମନିର୍ଭରତା

ନିଜସ୍ୱ ପୁଞ୍ଜି, ସ୍ୱଦେଶୀ ଜ୍ଞାନ କୌଶଳ ତଥା ସ୍ୱଦେଶୀ ଯନ୍ତ୍ରପାତି ସାହାଯ୍ୟରେ ଶିଳ୍ପ ପ୍ରତିଷ୍ଠା କରି ଉତ୍ପାଦନ କରିବାକୁ ଔଦ୍ୟୋଗିକ ଆତ୍ମନିର୍ଭରତା କୁହାଯାଏ । ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି, ଶିଳ୍ପର ବିକେନ୍ଦ୍ରୀକରଣ,



ଟିପ୍ପଣୀ

ଔଦ୍ୟୋଗିକ ବିକାଶ କ୍ଷେତ୍ରରେ ଆଞ୍ଚଳିକ ଅସମାନତା ଦୂରୀକରଣ, କ୍ଷୁଦ୍ରଶିଳ୍ପ ତଥା କୁଟୀର ଶିଳ୍ପର ବିକାଶ ଉଦ୍ଦେଶ୍ୟରେ କେନ୍ଦ୍ରସରକାର 1956 ରେ ନୂତନ ଶିଳ୍ପନୀତି ପ୍ରଣୟନ କରିଥିଲେ ।

ଶିଳ୍ପର ସୁନିୟୋଜିତ ତଥା ସୁଚିନ୍ତିତ ବିକାଶ ଦ୍ୱାରା ଆଜି ଆମେ ଅନେକ ପ୍ରକାର ଶିଳ୍ପଜାତ ଦ୍ରବ୍ୟ ଉତ୍ପାଦନ କରିପାରୁଛୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଆମେ ଏପରି ଦ୍ରବ୍ୟ ଉତ୍ପାଦନ କରୁଛୁ ଯାହା ଅନ୍ୟଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଛି । ପରିବହନ ଓ ଯୋଗାଯୋଗ, ଜଳସେଚନ, ଖଣିଖନନ ଓ ଶକ୍ତି ପ୍ରକଳ୍ପରେ ବ୍ୟବହୃତ ଗୁରୁ ଯନ୍ତ୍ରପାତି ଓ ଉପକରଣ ନିର୍ମାଣ କରିବାରେ ଭାରତ ବର୍ତ୍ତମାନ ସଂପୂର୍ଣ୍ଣ ସକ୍ଷମ ।  ଔଦ୍ୟୋଗିକ ଆତ୍ମନିର୍ଭରତା କ୍ଷେତ୍ରରେ ସରକାରୀ ଶିଳ୍ପର ପ୍ରମୁଖ ଭୂମିକା ରହିଛି । ଲୌହ-ଇସ୍ପାତ, ରେଳ ଉପକରଣ, ପେଟ୍ରୋଲିୟମ୍, କୋଇଲା ଓ ସାରଶିଳ୍ପ ଆଦି ସରକାରୀ ଉଦ୍ୟୋଗ ଅନ୍ତର୍ଗତ ହେତୁ ବିକଶିତ ହୋଇପାରିଛି । ଶିଳ୍ପକ୍ଷେତ୍ରରେ ପଛୁଆ ଅଞ୍ଚଳରେ ଏ ସବୁ ଉଦ୍ୟୋଗ ସ୍ଥାପନ କରାଯାଇଛି । ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା, ଉଚ୍ଚମୂଲ୍ୟ ସଂବର୍ଦ୍ଧନ, ଇଲେକ୍‌ଟ୍ରୋନିକ୍ସ, ଉନ୍ନତ ଯାନ୍ତ୍ରିକ ଉପକରଣ ନିର୍ମାଣ ଏବଂ ଦୂର ସଂଚାର ପରି ଆଧୁନିକ ଜ୍ଞାନ ଆଧାରିତ ଉଦ୍ୟୋଗ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ।

## 24.8 ଆର୍ଥିକ ଉଦାରୀକରଣର ପ୍ରଭାବ


ଭାରତରେ ଶିଳ୍ପାୟନ ପ୍ରକ୍ରିୟା ଦୁଇ ଭାଗରେ ବିଭକ୍ତ । ଯଥା- (i) 1992 ପୂର୍ବବର୍ତ୍ତୀ (ii) 1992 ପରବର୍ତ୍ତୀ । ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ 40ବର୍ଷରେ ଭାରତୀୟ ଅର୍ଥନୀତିରେ ଦ୍ରୁତ ବିବିଧତା ତଥା ପ୍ରସାର ହୋଇଥିଲା । କିନ୍ତୁ ଏହି ବିକାଶ କଠୋର ସରକାରୀ ନିୟନ୍ତ୍ରଣ ଏବଂ ନିର୍ଦ୍ଧାରିତ ନିୟମରେ ଅନୁବନ୍ଧିତ ଥିଲା ।

1992 ମସିହା ଅଗଷ୍ଟ ମାସରେ କେନ୍ଦ୍ର ସରକାର ଏକ ସାହସିକ ପଦକ୍ଷେପ ଗ୍ରହଣ କରି ଭାରତର ଆର୍ଥିକ ନୀତି ପରିବର୍ତ୍ତନ କଲେ । ବିଭିନ୍ନ ଘରୋଇ ତଥା ବୈଦେଶିକ ସଂସ୍ଥାକୁ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଅନୁମତି ପ୍ରଦାନ କରିବାର ଆବଶ୍ୟକତା ଅନୁଭୂତ ହେଲା ଫଳସ୍ୱରୂପ ଉଦାରୀକରଣ, ଘରୋଇକରଣ ଏବଂ ଜଗତୀକରଣ ପରିବର୍ତ୍ତନ ଆର୍ଥିକ ନୀତି ଗ୍ରହଣ କରାଗଲା ।

ଶିଳ୍ପକ୍ଷେତ୍ରରେ ଆମଦାନି ଓ ରପ୍ତାନୀ ପାଇଁ ପୂର୍ବରୁ ପ୍ରଚଳିତ ଥିବା ସରକାରୀ କଟକଣା କୋହଳ କରାଯିବା ଘରୋଇ ଉଦ୍ୟୋଗପତି ତଥା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱାଧିନତା ପ୍ରଦାନ କରିବା ହିଁ ଉଦାରୀକରଣ । ଭାରତୀୟ ରୁଗ୍‌ଣ ଅର୍ଥନୀତି ପାଇଁ ଏହା ଥିଲା ଏକ ଅବ୍ୟର୍ଥ ଔଷଧ । କିନ୍ତୁ ଏହା ଫଳରେ ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନ ବୃଦ୍ଧିପାଇଛି । ବ୍ୟାପକ ଉପଯୋଗୀ ପଦାର୍ଥ ଉତ୍ପାଦନ ହୋଇପାରିନାହିଁ । ଆଶାନୁରୂପ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିନି ।

ଘରୋଇକରଣ ଦ୍ୱାରା ସରକାରୀ ଉଦ୍ୟୋଗର ମାଲିକାନା ବେସରକାରୀ ସଂସ୍ଥା ବା ବ୍ୟକ୍ତି ସମୂହଙ୍କୁ ହସ୍ତାନ୍ତର କରାଯାଏ । ସାମୂହିକ କଲ୍ୟାଣ ପାଇଁ ନିଜସ୍ୱ ସମ୍ବଳକୁ ନିୟୋଜିତ କରିବା ହିଁ ଘରୋଇକରଣର ମୁଖ୍ୟ ଉଦ୍ଦେଶ୍ୟ ।

କୌଣସି ଦେଶର ଅର୍ଥନୀତିକୁ ଉତ୍ପାଦନ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ଇତ୍ୟାଦି କ୍ଷେତ୍ରରେ ବିଶ୍ୱ ଅର୍ଥନୀତି ସହ ସାମିଲ କରିବା ହିଁ ଜଗତୀକରଣ । ଫଳରେ ପୃଥିବୀର ବିଭିନ୍ନ ଦେଶର ଅର୍ଥନୀତି ମଧ୍ୟରେ ସଂହତି



ଟିପ୍ପଣୀ

ସୃଷ୍ଟି କରାଯାଇପାରିଛି । ପରିଣାମ ସ୍ୱରୂପ ଦେଶ ଦେଶ ମଧ୍ୟରେ ଦ୍ରବ୍ୟର ଆମଦାନୀ ରପ୍ତାନୀ, ସେବା, ପୁଞ୍ଜି ବିନିଯୋଗ ତଥା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଥିବା ଦୂରତ୍ୱ ହ୍ରାସ ପାଇଛି । ଜଗତୀକରଣ ଫଳରେ ଲୋକମାନଙ୍କର ଉପଭୋଗ ପ୍ରଣାଳୀ ତଥା ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ସମଗ୍ର ପୃଥିବୀ ଗୋଟିଏ ବଜାରରେ ପରିଣତ ହୋଇପାରିଛି ।

## ପାଠ୍ୟଗତ ପ୍ରଶ୍ନ ୨୪.୬

1. ଭାରତ କେବେ ପ୍ରଥମ ଶିଳ୍ପନୀତି ପ୍ରଣୟନ କଲା ?

 ______________________________

2. 7ମ ପଞ୍ଚବାର୍ଷିକ ଯୋଜନାରେ ପ୍ରାଧାନ୍ୟ ଦିଆଯାଇଥିବା ତିନୋଟି ଉଦ୍ୟୋଗର ନାମ ଲେଖ ।

 ______________________________

3. ଉଦାରୀକରଣ କହିଲେ କ'ଣ ବୁଝ ?

 ______________________________

## ତୁମେ କ'ଣ ଶିଖିଲ

ପ୍ରାକୃତିକ ସମ୍ବଳର ପ୍ରକିୟାକରଣ ଦ୍ୱାରା ଅଧିକ ଉପଯୋଗୀ ଦ୍ରବ୍ୟ ପ୍ରସ୍ତୁତି କରିବାକୁ ବିନିର୍ମାଣ କୁହାଯାଏ । କୌଣସି ଦେଶର ଆର୍ଥନୀତିକ ବିକାଶ ଶିଳ୍ପ ବିକାଶ ସ୍ତର ସିଧାସଳଖ ସମ୍ପୃକ୍ତ । ଦେଶର ନୂତନ ଆର୍ଥିକ ନୀତି ଲାଗୁ ହେବା ପରଠାରୁ GDP ରେ ବିନିର୍ମାଣ ଉଦ୍ୟୋଗର ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି । ସ୍ୱାଧୀନତା ପରଠାରୁ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଶିଳ୍ପ ବିକାଶ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଯାହା ଫଳରେ ଆଜି ଭାରତ ଅନେକ ଶିଳ୍ପ ଉତ୍ପାଦ ପୃଥିବୀର ବିଭିନ୍ନ ଦେଶକୁ ରପ୍ତାନୀ କରୁଛି । କଞ୍ଚାମାଲ, ମାଲିକାନା, କାର୍ଯ୍ୟ, ଶିଳ୍ପର ଆକାର, କଞ୍ଚାମାଲର ଓଜନ ଏବଂ ଶିଳ୍ପ ଉତ୍ପାଦକୁ ବିଚାରକୁ ନେଇ ଉଦ୍ୟୋଗର ବର୍ଗୀକରଣ କରାଯାଇଛି । ଆମଦେଶ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ବିଭିନ୍ନ ପ୍ରକାର କୃଷିଭିତ୍ତିକ ଶିଳ୍ପ ଯଥା : କାର୍ପାସ ବୟନ ଶିଳ୍ପ, ପଶମ ଶିଳ୍ପ, ଝୋଟ ଶିଳ୍ପ ଏବଂ ଚିନି ଶିଳ୍ପ ଆଦି ବିକାଶ ଲାଭ କରିପାରିଛି । କାର୍ପାସ ବୟନ ଶିଳ୍ପ ଆମ ଦେଶର ସର୍ବବୃହଦ୍ ସଂଗଠିତ ଉଦ୍ୟୋଗ ଅଟେ । ଆମଦେଶରେ ଖଣିଜ ସମ୍ବଳର ପ୍ରାଚୁର୍ଯ୍ୟତା ହେତୁ ଲୌହ ଇସ୍ପାତ ଶିଳ୍ପ, ଗୁରୁ ଯାନ୍ତ୍ରିକ ଉଦ୍ୟୋଗ, ଅଟୋମୋବାଇଲସ୍, ରସାୟନ ତଥା ପେଟ୍ରୋ-ରସାୟନ ଶିଳ୍ପ ଭଳି ଖଣିଜ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇଛି ।

ଔଦ୍ୟୋଗିକ ଆତ୍ମନିର୍ଭରତା ପାଇଁ ସରକାର ଶିଳ୍ପନୀତି ପ୍ରଣୟନ କରିଛନ୍ତି । ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ଯୋଗୁଁ ଆମଦେଶ ବୈଦେଶିକ ପୁଞ୍ଜି ତଥା ଜ୍ଞାନ କୌଶଳ ପ୍ରାପ୍ତ ହୋଇଛି । ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀମାନେ ବିଭିନ୍ନ କ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ପାଉଛନ୍ତି । ଫଳସ୍ୱରୂପ ଦେଶର ଔଦ୍ୟୋଗିକ ବିକାଶ ତ୍ୱରାନ୍ୱିତ ହୋଇଛି ।



ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନାବଳୀ

1. ମୁମ୍ବାଇ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ କାର୍ପାସ ବୟନ ଶିଳ୍ପ ଗଢ଼ି ଉଠିବାରେ ୪ଟି କାରଣ ଦର୍ଶାଅ ।
2. ଉତ୍ତର ଭାରତରୁ ଦକ୍ଷିଣ ଭାରତକୁ ଚିନିଶିଳ୍ପ ସ୍ଥାନାନ୍ତରୀତ ହେବାର ୩ଟି କାରଣ ଲେଖ ।
3. ମାଲିକାନା ଭିତ୍ତିରେ ଶିଳ୍ପର ବିଭାଗୀକରଣ ଉଦାହରଣ ସହ ଲେଖ ।
4. ଔଦ୍ୟୋଗିକ ଆତ୍ମନିର୍ଭରତା କ'ଣ ? ଭାରତରେ କାହିଁକି ଏହାର ଆବଶ୍ୟକତା ରହିଛି ?
5. ଛୋଟନାଗପୁର ମାଳଭୂମି ଅଞ୍ଚଳରେ ଧାତବ ଶିଳ୍ପ ଗଢ଼ି ଉଠିବାର ୪ଟି କାରଣ ଲେଖ ।
6. ୨ଟି ଉଦାହରଣ ସହ କୃଷି ଭିତ୍ତିକ ଶିଳ୍ପ ଓ ଖଣିଜ ଭିତ୍ତିକ ଶିଳ୍ପ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର

**24.1**

1. 1772, ରାଣୀଗଞ୍ଜ
2. 1854
3. ଜାମସେଦପୁର

**24.2**

1. (iii)
2. (iv)
3. (iv)

**24.3**

1. 1854, ମୁମ୍ବାଇ
2. 74%
3. ମହାରାଷ୍ଟ୍ର
4. (i) ହେକ୍ଟର ପିଛା ଅଧିକ ଆଖୁ ଉତ୍ପାଦନ

   (ii) ଅଧିକ ଚିନି ଅଂଶ

   (iii) ଆଖୁ ପେଡ଼ିବାର ଅଧିକ ସମୟ ସୀମା

   (iv) ଆଧୁନିକ ଯାନ୍ତ୍ରିକ ଉପକରଣ

   (v) କାରଖାନାଗୁଡ଼ିକ ସମବାୟ ଉଦ୍ୟୋଗ ଅନ୍ତର୍ଗତ

**24.4**

1. ପଶ୍ଚିମବଙ୍ଗର କୁଲ୍‌ଟୀ, ୧୮୧୭
2. ଇଂଲଣ୍ଡ
3. D
4. C

**24.5**

1. କାଠ, କାଚ, ଧାତୁ
2. ଉଦୋଦରା
3. ନେଗାଥୋନ୍
4. (a) ଏବଂ (ii), (b) ଏବଂ (i), (c) ଏବଂ (iv), (d) ଏବଂ (iii)

**24.6**

1. 1956
2. ଇଲେକ୍ଟ୍ରୋନିକ୍ସ, ଅତ୍ୟାଧୁନିକ ଯାନ୍ତ୍ରିକ ଉପକରଣ ଏବଂ ଦୂର ସଂଚାର
3. ସରକାରୀ ନିୟନ୍ତ୍ରଣ ହ୍ରାସ ଏବଂ ବଜାର ଭୂମିକା ବୃଦ୍ଧି

## ପାଠାନ୍ତ ପ୍ରଶ୍ନାବଳୀର ସଂକେତ

1. ଅନୁଚ୍ଛେଦ - 24.3 A ଦେଖ ।
2. ଅନୁଚ୍ଛେଦ - 24.3 B ଦେଖ ।
3. ଅନୁଚ୍ଛେଦ - 24.2 (ସାରଣୀ 1) ଦେଖ ।
4. ଅନୁଚ୍ଛେଦ - 24.7 ଦେଖ ।
5. ଅନୁଚ୍ଛେଦ - 24.4 ଦେଖ ।
6. ଅନୁଚ୍ଛେଦ - 24.2 (ସାରଣୀ 1) ଦେଖ ।